# କେତେ ରଙ୍ଗେ ରଞ୍ଜିତ ତୁମେ ରଙ୍ଗାଧର ହେ !

ଶ୍ରୀ ରଜତ୍ କୁମାର କର

ବୃହତ୍ ନାରଦ ପୁରାଣରେ ଚାରିଯୁଗର ଧର୍ମ ବର୍ଣ୍ଣନା କରିବାକୁ ଯାଇ ସୂତ କହୁଛନ୍ତି, ସତ୍ୟ ଯୁଗରେ ଭଗବାନ୍ ନାରାୟଣ ସୁନିର୍ମଳ ଓ ଶୁକ୍ଳବର୍ଣ୍ଣ - **'ନାରାୟଣଃ କୃତେ ଯୁଗେ ଶୁକ୍ଳବର୍ଣ୍ଣଃ ସୁନିର୍ମଳଃ'** ଏ ଯୁଗରେ ସମସ୍ତେ ନାରାୟଣ ପରାୟଣ, ସତ୍ୟବାନ୍ ଓ ଦେବୋପମ ବ୍ୟକ୍ତିତ୍ୱର ଅଧିକାରୀ । ଏ ସମୟରେ ନିରାକାର ଅବ୍ୟକ୍ତ ବ୍ରହ୍ମ ଆକାରରେ ବ୍ୟକ୍ତ ହୋଇ ନରବିଗ୍ରହରେ ଅବତୀର୍ଣ୍ଣ ହୋଇ ମଣିଷ ଆଗରେ ଜୀବନ୍ତ ଆଦର୍ଶ ଭାବେ ବିରାଜିତ ହେବା ଆବଶ୍ୟକ ହୁଏନା ।

ତ୍ରେତାରେ ହରି ରକ୍ତବର୍ଣ୍ଣ ଧାରଣ କରନ୍ତି - **'ହରିସ୍ତଂ ରକ୍ତତାଂ ଯାତି ।'** ଏ ଯୁଗରେ ଲୋକଙ୍କର କିଞ୍ଚିତ୍ କ୍ଳେଶ ହୁଏ । ତା'ର ଅପନୋଦନ ପାଇଁ ନରରୂପୀ ହରି ଆସନ୍ତି । ଏ ଯୁଗରେ ସମସ୍ତେ କ୍ରିୟାଯୋଗୀ ଓ ଯଜ୍ଞରତ ।

ଦ୍ୱାପରରେ ଧର୍ମ ଦ୍ୱିପାଦ, ତ୍ରେତାରେ ତ୍ରିପାଦ ଓ ସତ୍ୟରେ ଚତୁଷ୍ପାଦ । କଳିରେ ଧର୍ମ ଏକ ପାଦ ମାତ୍ର । ଦ୍ୱାପରରେ **'ପୀତତ୍ୱଞ୍ଚ ହରିର୍ଯାତି, ବେଦଶ୍ଚାପି ବିଭଜ୍ୟତେ'**, ହରି ଏଠି ପୀତ ବର୍ଣ୍ଣର । ଏ ବେଳେ ବେଦ ବିଭାଜିତ । ହରି ଆସନ୍ତି ମଣିଷ ଭାବରେ ଦ୍ୱାପର ଓ କଳିରେ । କିନ୍ତୁ ଏକ ପାଦ ଯୁକ୍ତ କଳିରେ ବାରମ୍ବାର ତାଙ୍କର ଆଗମନ ହୁଏ । ସେଇ ମାନୁଷୀ ଶରୀରରେ ସର୍ବୋତ୍ତମ ସତ୍ତା ପୁରୁଷୋତ୍ତମଙ୍କ ଝଲକ ଉପସ୍ଥିତ ଥାଏ ବୋଲି ମଧ୍ୟ କୁହାଯାଏ । ମୁଖ୍ୟତଃ ସେମାନେ ସର୍ବୋଚ୍ଚ ପୁରୁଷୋତ୍ତମ ସତ୍ତାଙ୍କ ଅବତାର ଓ ମଣିଷର ଜୀବନ୍ତ ଆଦର୍ଶ ଭାବେ ତତ୍କାଳୀନ ଯୁଗରେ ପ୍ରତିଭାତ ହୁଅନ୍ତି । ଏହି କଳିଯୁଗରେ ତାମସ ଭାବ ହେତୁ **'ହରିଃ କୃଷ୍ଣତ୍ୱମାଗତଃ'** ଅର୍ଥାତ ହରି କୃଷ୍ଣବର୍ଣ୍ଣ ଧାରଣ କରନ୍ତି ।

ନାରଦ ପୁରାଣର ହରିଙ୍କ ଯୁଗୋଚିତ ରଙ୍ଗଧାରଣର ବର୍ଣ୍ଣନା ଦୃଷ୍ଟିପଥାରୂଢ଼ ହେବା ମାତ୍ରେ ମନରେ ଆସିଲା, ପୁରୀର ରତ୍ନ ସିଂହାସନର ଚତୁର୍ଦ୍ଧାମୂର୍ତ୍ତି ଚାରି ଯୁଗର ବର୍ଣ୍ଣ ଧାରଣ କରି ଚିରନ୍ତନ କାଳର ଅବୟବରୂପୀ ମହାକାଳ ଭାବେ ବିଦ୍ୟମାନ । ଏହି ଅର୍ଥରେ ଶ୍ରୀଜଗନ୍ନାଥ ସ୍ୱୟଂ ମହାକାଳ । ଜୟ ହେଉ ସେହି ମହାକାଳଙ୍କର, ଯାହାଙ୍କୁ ସର୍ବୋତ୍ତମ ସତ୍ତା ଭାବେ 'ଓଁ ମହାକାଳାୟ ନମଃ' କହି ତାନ୍ତ୍ରିକ ରୀତିରେ ଆବାହନ କରେ ସାଧକ । ମହାକାଳ ରୂପୀ ପରମ ଶିବ ସେ । ପ୍ରକୃତିସ୍ୱରୂପିଣୀ ମହାକାଳୀ ତାଙ୍କ ସଙ୍ଗେ ଅଚ୍ଛେଦ୍ୟା ଭାବେ ଜଡ଼ି ରହି ପ୍ରଭୁଙ୍କୁ ଅର୍ଦ୍ଧନାରୀଶ୍ୱର କରିଛି । ଏହି ସତ୍ତାରେ ସେ ମହାଭୈରବ ଓ ତାଙ୍କୁ ବେଢ଼ି ରହିଛନ୍ତି ମାତା ତ୍ରିପୁର ସୁନ୍ଦରୀ । ସେ ପୁଣି ପୁରୁଷୋତ୍ତମ ପରମ ବିଷ୍ଣୁ ଯିଏ ପରମା ପ୍ରକୃତିଙ୍କ ଦୃଢ଼ ବାହୁବନ୍ଧନରେ ନିବିଡ଼ ପ୍ରଣୟଯୁକ୍ତ ମାଧବ; ମା ଓ ଶଙ୍କର ଧବଙ୍କ ସମନ୍ୱୟ ମୂର୍ତ୍ତିର ପ୍ରକଟିତ ଉପାସନା ହିଁ ଦୁର୍ଗାମାଧବ ପୂଜାର୍ଚ୍ଚନା ।

ଦୁର୍ଗା ପରିପୂର୍ଣ୍ଣ ବ୍ରହ୍ମ ସ୍ତ୍ରୀ ରୂପରେ । ମାଧବ ବିଷ୍ଣୁ ପୁରୁଷ ରୂପରେ ଦୁର୍ଗାଙ୍କୁ ସାଙ୍ଗରେ ଧରି ସୃଷ୍ଟିର ପୂର୍ବାବସ୍ଥା ଅର୍ଦ୍ଧନାରୀ ସ୍ୱରୂପରେ ଅବସ୍ଥାନ କରନ୍ତି ।

ପୁରୁଷୋତ୍ତମ ଓ ବାସୁଦେବ ମନ୍ତ୍ରର ଅଧିଷ୍ଠାତ୍ରୀ ଦେବୀ ଦୁର୍ଗା । ଦୁର୍ଗା ଓ ବିଷ୍ଣୁ ଶକ୍ତି ଓ ଶକ୍ତିମାନ୍ । ମହାକାଳ ଓ ମହାକାଳୀ ଚିରନ୍ତନତାର ଦ୍ୟୋତକ ଭାବେ ସାଧକର ମାନସ ପଟରେ ଉଭାସି ଉଠନ୍ତି । ମହାକାଳୀଙ୍କ ବକ୍ଷରେ ମୁଣ୍ଡମାଳ । ସେହି ନରକଙ୍କାଳର ହାର ମହାକାଳଙ୍କୁ ମଣ୍ଡନ କରୁଛି । ଲୋକ କ୍ଷୟ ପାଇଁ 'କାଳୋଽସ୍ମି' ବୋଲି ଗୀତାରେ ନିଜକୁ କହିଲେ ପ୍ରଭୁ ।

ଚାରିଯୁଗର ଚାରିବର୍ଣ୍ଣ ନେଇ ବିଜେ କରିଛନ୍ତି ପ୍ରଭୁ ନୀଳାଚଳରେ । ବଳଭଦ୍ର ଧଳା, ସେ ସତ୍ୟଯୁଗର ପ୍ରତୀକ; ରକ୍ତବର୍ଣ୍ଣର ସୁଦର୍ଶନ ତେତ୍ରାଯୁଗରୂପୀ; ହରିଦ୍ରାବର୍ଣ୍ଣା ସୁଭଦ୍ରା ଦ୍ୱାପର ରୂପିଣୀ; କଳା ଶ୍ରୀମୁଖ ଜଗନ୍ନାଥ କଳିର ଠାକୁର । କଳିର ସବୁ କଲୁଷ ହରଣ କରିବା ପାଇଁ ପତିତପାବନ ରୂପେ ତାଙ୍କର ଆବିର୍ଭାବ ।

ସ୍କନ୍ଦ ପୁରାଣାନୁଯାୟୀ ବିଭିନ୍ନ ରଙ୍ଗରେ ରଞ୍ଜିତ ଚତୁର୍ଦ୍ଧା ମୂର୍ତ୍ତିଙ୍କର ପୂଜା ଯାଇଁ ବ୍ରହ୍ମା ନିର୍ଦ୍ଦେଶ ଦେଲେ । ସ୍କନ୍ଦ ପୁରାଣର ପୁରୁଷୋତ୍ତମ ମାହାତ୍ମ୍ୟର ଏ ବର୍ଣ୍ଣନାର ସମୟ ଏକାଦଶ ବା ଦ୍ୱାଦଶ ଶତାବ୍ଦୀ ବୋଲି ସ୍ଥିର କରାଯାଉଛି । ସେତେବେଳକୁ ଘୋର କଳି ଆସିଲାଣି ।

ସତ୍ୟ ଯୁଗରୁ ମୂର୍ତ୍ତିଙ୍କ ଏ ରୂପ, ଏ ରଙ୍ଗ ଚିନ୍ତନକୁ ଆସିନାହିଁ । ବ୍ରହ୍ମଙ୍କ ବିଭିନ୍ନ ବିଭବକୁ ମୂର୍ତ୍ତି ବା ପ୍ରତୀକ ବିଗ୍ରହ ଭାବେ ଉପାସନା କରିବା ଭଳି ପରିପକ୍ୱ ଚିନ୍ତା ବେଳେ ଏ ଭଳି

ରଙ୍ଗରେ ରଞ୍ଜିତ ହୋଇଛନ୍ତି ରଙ୍ଗାଧର । ସତ୍ୱ ଗୁଣର ରଙ୍ଗ ଧଳା, ରଜ ଗୁଣ ରକ୍ତବର୍ଣ୍ଣର, ତମ ଗୁଣ କୃଷ୍ଣବର୍ଣ୍ଣର ବୋଲି କୁହାଯାଏ ।

ବ୍ରାହ୍ମଣର ବର୍ଣ୍ଣ ଧଳା ବୋଲି ତା ପାଇଁ ଶୁକ୍ଳବର୍ଣ୍ଣ ପଇତା, କ୍ଷତ୍ରିୟ ପାଇଁ ଛଣପଟର ଲାଲ ପଇତା ଓ ବୈଶ୍ୟ ପାଇଁ ହଳଦିଆ ରେଶମ ପଇତାର ବ୍ୟବସ୍ଥା ଅଛି । ଶୂଦ୍ରଙ୍କ ପାଇଁ କୃଷ୍ଣବର୍ଣ୍ଣ ସୁତାର ବ୍ୟବସ୍ଥା ରହିଛି । ସବୁ ବର୍ଣ୍ଣର ରଙ୍ଗର ଶୋଭା ବହନ କରି ପ୍ରଭୁ ରଙ୍ଗାଧର ଭକ୍ତ ସହିତ ନାନା ରଙ୍ଗ କରିବାରେ ବ୍ୟସ୍ତ ।

ରଥାଙ୍ଗଧର ରଙ୍ଗାଧର ପ୍ରଭୁଙ୍କୁ ଗରୁଡ଼ସ୍ତମ୍ଭ ପାଖରେ ଦର୍ଶନ କଲେ ମୁଖ୍ୟତଃ ଦର୍ଶନ ହୁଏ ଚକାନୟନ । ସେହି ନୟନ ହିଁ ତାଙ୍କର ପ୍ରତୀକ । ଧ୍ୟାନ ପାଇଁ ଅତୀବ ପ୍ରଶସ୍ତ ଏହି ତ୍ରିରଙ୍ଗ ରଞ୍ଜିତ ଚକାନୟନ । ଦୁଇ ଭ୍ରୂଲତାର ମଧ୍ୟଭାଗ ସ୍ଥିତ ଆଜ୍ଞାଚକ୍ରରେ ଏହି ବିରାଟ ଚକ୍ରକୁ ସ୍ଥାପନା କଲେ ଧ୍ୟାନ ସଫଳ ହୁଏ । ରକ୍ତବର୍ଣ୍ଣ ଏଠି ସୁସ୍ପଷ୍ଟ । ପରେ ଧବଳ ବଳୟ ଭିତରେ କୃଷ୍ଣ ବିନ୍ଦୁ । ରଜୋଗୁଣୀ ଲାଲ ଓ ତମୋଗୁଣୀ କଳା ରଙ୍ଗ ମଧ୍ୟରେ ସତ୍ତ୍ୱଗୁଣର ଧବଳ ବଳୟ ବିଦ୍ୟମାନ । ଏଇ ତ୍ରିରଙ୍ଗ ସମନ୍ୱିତ ବିରାଟ ନୟନ ମଧ୍ୟରେ ଅଛି **'ସର୍ବଂ ଆକର୍ଷୟିତୁଂ କ୍ଷମ ଇତି କୃଷ୍ଣଃ'**ର ଆକର୍ଷଣୀ ଶକ୍ତି । ସମ୍ମୋହନ ତନ୍ତ୍ର ଅନୁସାରେ ଗୋଟିଏ ନାଲି ରଙ୍ଗ କନା ଉପରେ ଧଳା ବୃତ୍ତ ମଧ୍ୟରେ କଳାବିନ୍ଦୁ ଦେଇଦେଲେ ତାହାର ପ୍ରବଳ ସମ୍ମୋହନୀ ଶକ୍ତି ଆସିଯାଏ । ଶ୍ରୀ ଜଗନ୍ନାଥଙ୍କୁ ସମସ୍ତଙ୍କୁ ଆକର୍ଷଣ କରିବାର କେନ୍ଦ୍ର ପୁରୁଷ ରୂପେ ଉପସ୍ଥାପନା କଲାବେଳେ ଏଇ ବିଭିନ୍ନ ରଙ୍ଗର ସୁନିପୁଣ ମିଶ୍ରଣ କରାଯାଇଛି ।

କେବେ କରାଗଲା ଏଇ ରଙ୍ଗର ଅପୂର୍ବ ଅଭାବନୀୟ ସମନ୍ୱୟ ? ଏହା କଣ ବହୁ ପୂର୍ବରୁ ସତ୍ୟଯୁଗର କେଉଁ କାଳ୍ପନିକ ପୌରାଣିକ ପୁରୁଷ ଇନ୍ଦ୍ରଦ୍ୟୁମ୍ନଙ୍କ କାଳୀନ ? କେବେ ନୁହେଁ । ଏହା ଏକ ନିର୍ଦ୍ଦିଷ୍ଟ ମୁହୂର୍ତ୍ତରେ ଏକ ସର୍ବୋଚ୍ଚ ତଥା ସର୍ବୋତ୍ତମ ଜାତୀୟ ନିଷ୍ପତ୍ତି । କେବେ ଏହା ହେଲା ? ଇତିହାସ ପୃଷ୍ଠାରୁ ଖୋଜିବାକୁ ଚେଷ୍ଟା କରିଛି ଏ ଲେଖକ । ନିର୍ଦ୍ଦିଷ୍ଟ ସୂଚନା ମିଳୁନାହିଁ । କିଛି ସଙ୍କେତ କିଛି ସୂତ୍ର ଅବଶ୍ୟ ନଜରକୁ ଆସୁଛି ।

ଗୋଟିଏ ସଙ୍କେତ ନିହିତ ରହିଛି କୋଣାର୍କ ମନ୍ଦିର ଗାତ୍ରରେ । ଦିଲ୍ଲୀର ଜାତୀୟ ମିଉଜିଅମ, କୋଣାର୍କ ସଂଗ୍ରହାଳୟ ଓ କୋଣାର୍କ ମୁଖଶାଳାର ଦକ୍ଷିଣ ପାର୍ଶ୍ୱରେ ସୂଚିତ ହୋଇଛି- ରାଜା ନରସିଂହ ଦେବ ପୂଜା କରୁଛନ୍ତି ଏକତ୍ର ଏକକ ଜଗନ୍ନାଥ, ମହିଷ ମର୍ଦ୍ଦିନୀ ଦୁର୍ଗା ଓ ଶକ୍ତିଯୁକ୍ତ ଶିବଲିଙ୍ଗ । ତିନି ଜାଗାରେ ଏ ତିନି ଦେବତାଙ୍କ କ୍ରମ ବିଭିନ୍ନ । ଗୋଟିଏ ଜାଗାରେ ଆଗ ଦୁର୍ଗା, ପରେ ଜଗନ୍ନାଥ ଓ ଲିଙ୍ଗ । ଅନ୍ୟଠାରେ ଆଗ ଜଗନ୍ନାଥଙ୍କ ପରେ ଦୁର୍ଗା ଓ ଲିଙ୍ଗ । ଏ କ୍ରମର ବିଭିନ୍ନତା ଓ ସେମାନଙ୍କ ସହାବସ୍ଥାନରେ ଜଗନ୍ନାଥ ଚିନ୍ତନର ଅବିଚ୍ଛେଦ୍ୟ ସମ୍ପର୍କ ରହିଛି । ତାହା ଅନ୍ୟତ୍ର ଆଲୋଚନାଯୋଗ୍ୟ ।

ଏଠାରେ ଆଲୋଚନାର ମୁଖ୍ୟ କଥା ହେଲା, ଏହି ତିନି ଜାଗାରେ ଥିବା ଜଗନ୍ନାଥଙ୍କ ନୟନ ବିରାଟ ନୁହେଁ, ଏହା ଚକାକାର ନୁହେଁ । ଏଥିରେ ଆକ୍ଷିପତା ରହିଛି । କେବେ ଶିଳ୍ପୀର ରଙ୍ଗ ତୂଳୀ ରୂପ ଦେଲେ ଏହି ଅପଲକ ବିରାଟ ନୟନକୁ ? ଲାଙ୍ଗୁଳା ନରସିଂହ ଦେବଙ୍କ ସମୟରେ ବୋଧହୁଏ ଜାତିର ଆବଶ୍ୟକ ହେଲା ବ୍ରହ୍ମଙ୍କ ପ୍ରତୀକବିଗ୍ରହ ରୂପେ ମାଧବ ପୁରୁଷୋତ୍ତମଙ୍କୁ ଉପାସନା କରିବା ପାଇଁ । ବାରମ୍ବାର ମୁସଲମାନ ଆକ୍ରମଣ ଜନିତ ପ୍ରସ୍ତରମୂର୍ତ୍ତିର ସୁରକ୍ଷା ବିପନ୍ନ ହେବାରୁ ଦାରୁ ବିଗ୍ରହ ଉପାସନା ହୁଏତ ଜରୁରୀ ହୋଇ ପଡ଼ିଲା । ଯିଏ ଥିଲେ ପ୍ରସ୍ତରରେ ଅବୟବଯୁକ୍ତ କିନ୍ତୁ ନିରାକାର ବ୍ରହ୍ମଙ୍କର ସାକାର ପ୍ରତୀକ, ତାଙ୍କୁ ନିରାକାର ଓ ଆକାରର ସମନ୍ୱୟ ପ୍ରତୀକ ଭାବେ ତଥା ପ୍ରଣବରୂପୀ ସାଙ୍କେତିକ ବିଗ୍ରହ ରୂପେ ପୂଜା କରିବା ଏକ କଠୋର ତଥା ଦୂରଦୃଷ୍ଟି ସମ୍ପନ୍ନ ସିଦ୍ଧାନ୍ତ ।

ସେଇ ପ୍ରତୀକ ବିଗ୍ରହଙ୍କୁ ପ୍ରଥମେ ଦାରୁ ଓ ପରେ ସପ୍ତ ଆବରଣ ଓ ସର୍ବଶେଷରେ ବିଭିନ୍ନ ତତ୍ତ୍ୱମୂଳକ ରଙ୍ଗ ଦେଇ ବ୍ରହ୍ମଙ୍କ ସର୍ବ ବିଭବବନ୍ତ ପରିପୂର୍ଣ୍ଣ ବିଗ୍ରହ ରୂପେ ବିଶ୍ୱ ସମକ୍ଷରେ ଥୋଇଲା ଓଡ଼ିଆ ଜାତି ।

ନୂଆ ରୂପ, ନୂଆ ରଙ୍ଗ ଦେବାର ବଡ଼ ସୁଯୋଗ ଆସିଥିଲା କଳାପାହାଡ଼ ଆକ୍ରମଣ ପରେ ପ୍ରଥମ ରାମଚନ୍ଦ୍ର ଦେବଙ୍କ ସମୟରେ । ଜଗନ୍ନାଥଙ୍କ ଏ ରୂପ ତଥା ଏହା ପଛରେ ଥିବା ଦାର୍ଶନିକ ଚିନ୍ତନ ଓଡ଼ିଶାର ଅବଦାନ ବୋଲି କହିଲେ, କେତେଜଣ ପ୍ରାବନ୍ଧିକ ଭାରି ନାକ ଟେକନ୍ତି । ଜଣେ ଲେଖି ପକେଇଲେ, 'ଦେଖ ହୋ ଏମାନେ ଜଗନ୍ନାଥଙ୍କୁ ଓଡ଼ିଶାର କରି ପକେଇଲେ ।' ଆହେ ବାବୁ ! ଶୁଣ ଆମେ ଓଡ଼ିଆ ତାଙ୍କୁ ବିଶ୍ୱ ହାତରେ ଟେକି ଦେଇଛୁ । ଏତକ ଅବଧାନକୁ ଆସୁ ।

ପାଦ ନ ଥାଇ ଯାଆନ୍ତି, ହାତ ନ ଥାଇ ଧରନ୍ତି, କାନ ନ ଥାଇ ଶୁଣନ୍ତି ବୋଲି ବ୍ରହ୍ମଙ୍କ ବିଷୟରେ ବେଦ କହିଲେ । ସେଇ ବ୍ରହ୍ମଙ୍କୁ ବିଗ୍ରହବନ୍ତ କରି ପ୍ରଥମେ ଥୋଇଛି ଓଡ଼ିଶା, ଏକଥା କିନ୍ତୁ ତାଙ୍କ ଚିତ୍ତକୁ ରଞ୍ଜନ କରୁନାହିଁ ।

ଓଡ଼ିଶୀ ନୃତ୍ୟ ଯୋଗୁ ସର୍ବୋଚ୍ଚ ସମ୍ମାନ ପାଇ ଜଣେ ନୃତ୍ୟଗୁରୁ କହୁଛନ୍ତି ଓଡ଼ିଶୀ ବୋଲି କିଛି ନାହିଁ । ଏହା ଦେବଦାସୀ

ନୃତ୍ୟ । ଏଥିରେ ବଙ୍ଗଳା ଓ ହିନ୍ଦୀ ଗୀତ ଲାଗି ପାରିବ ।

ଆଉ ଜଣେ ବୟୋବୃଦ୍ଧ ଓଡ଼ିଆ କବି କହୁଛନ୍ତି ଜୟଦେବ ବଙ୍ଗଳାର । ତାଙ୍କୁ ବଙ୍ଗାଳୀମାନେ ଦାବୀ କରନ୍ତି ସେ ପ୍ରବାସୀ ବଙ୍ଗାଳୀ । ଏଥିରେ ସେ ଉତ୍‌ଫୁଲ୍ଲିତ ।

କେତେ ରଙ୍ଗ ଲଗେଇଛ ପ୍ରଭୁ ! କେତେ ନାଟ ଚାଲିଛି ଏଠି । ହେ ନଟବର ! ଏ ନାଟ କ'ଣ ଶେଷ ହେବ ନାହିଁ ? ହେ ରଙ୍ଗାଧର ! ତୁମ ଅଧା ଅଧରରେ ହସ - ସ୍ୱୀକୃତିର ନା ବିରକ୍ତିର ! କଳା ଶ୍ରୀମୁଖରେ ତ୍ରିରଙ୍ଗ ଶୋଭିତ ଚକ୍ରାକାର ନୟନକୁ ଯଦି ପରମବ୍ରହ୍ମଙ୍କର ସୂର୍ଯ ଚନ୍ଦ୍ର ରୂପୀ ନେତ୍ରଯୁଗଳ ଧରାଗଲା, ମୁଖ ତାଙ୍କର ଅଗ୍ନିସ୍ୱରୂପ । ଅର୍ଦ୍ଧଚନ୍ଦ୍ରାକାର ଅଧରର ସଙ୍କେତ ହେଲା ଦୁଇ ଅଧର ଅଭାବରେ କଥା କହିବା ଶକ୍ତି ନାହିଁ । କିନ୍ତୁ ସେ କହନ୍ତି ।

କ'ଣ ପାଇଁ କଳାକାହ୍ନୁ ରୂପୀ ପୁରୁଷୋତ୍ତମ ଜଗନ୍ନାଥଙ୍କ ବାହୁ ଓ ସାରା ଅବୟବ ଧଳା ? ଦୁଇ ବର୍ଣ୍ଣର ଅପୂର୍ବ ସମ୍ମିଶ୍ରଣରେ ଏକ ବିଗ୍ରହରେ ଲକ୍ଷ୍ମୀ ଓ ପୁରୁଷୋତ୍ତମଙ୍କ ଏକତ୍ର ଅବସ୍ଥାନ ।

ବହୁକାଳରୁ ଜଗନ୍ନାଥ ପୁରୁଷୋତ୍ତମ ଭାବେ ପରିଚିତ । ଗୀତାରେ ଏଇ ପୁରୁଷୋତ୍ତମ ଓ ବାସୁଦେବ ଏକ ଅର୍ଥରେ ବ୍ୟବହୃତ ।

ସର୍ବତ୍ର ବାସ କରୁଥିବା ବାସୁଦେବ ହିଁ ସର୍ବୋତ୍ତମ ସତ୍ତା । ସେ ସତ୍ତା କ୍ଷୟଶୀଳ କ୍ଷରପୁରୁଷ ଓ ଅବିନଶ୍ୱର ଆତ୍ମାରୂପୀ ଅକ୍ଷର ପୁରୁଷର ଉର୍ଦ୍ଧ୍ୱରେ ଥିବା ପୁରୁଷୋତ୍ତମ ସତ୍ତା ।

ସ୍କନ୍ଦ ପୁରାଣରେ ବଳଦେବଙ୍କୁ 'ନମୋ ଭଗବତେ ବାସୁଦେବାୟ' ମନ୍ତ୍ରରେ ଓ ଜଗନ୍ନାଥଙ୍କୁ 'ପୁରୁଷ ସୂକ୍ତ'ରେ ଉପାସନା କରାଯାଇଛି । ସେଇ 'ପୁରୁଷ ସୂକ୍ତ'ର ପୁରୁଷ ବ୍ରହ୍ମାଣ୍ଡର ସର୍ବତ୍ର ବ୍ୟାପି ମଧ୍ୟ ତା'ଠାରୁ ଦଶାଙ୍ଗୁଳ ଉର୍ଦ୍ଧ୍ୱରେ ଅଛନ୍ତି । ଆମ ପିଣ୍ଡ ବା ଦେହରେ ସବୁଠି ରହି ସେ ଦଶାଙ୍ଗୁଳ ପରିମିତ ହୃଦୟ ବା ମସ୍ତିଷ୍କର ଶୀର୍ଷରେ ବିଦ୍ୟମାନ ।

ଶ୍ରୀକୃଷ୍ଣ ସେଇ ସର୍ବଶକ୍ତିମାନ ପୁରୁଷୋତ୍ତମ । ଜଗନ୍ନାଥଙ୍କୁ ସେଇ କୃଷ୍ଣ ପୁରୁଷୋତ୍ତମ ଭାବରେ ତାନ୍ତ୍ରିକ ପଦ୍ଧତିରେ ପୂଜା କରାଯାଉଛି-ଗୋପାଳାର୍ଚ୍ଚନ ପୂଜା ପଦ୍ଧତି, ଗୌତମୀୟ ତନ୍ତ୍ରର ବିଧାନ ଅନୁସାରେ 'ଗୋପୀଜନ ବଲ୍ଲଭାୟ' ମନ୍ତ୍ରର ଅଧିଷ୍ଠାତ୍ରୀ ଦେବୀ ଦୁର୍ଗା । ଅଷ୍ଟାଦଶାକ୍ଷର ମନ୍ତ୍ରରେ ଶକ୍ତି ଓ ଶକ୍ତିମାନ୍ ଉଭୟଙ୍କ ପୂଜା ହୁଏ ।

'ନମୋ ଭଗବତେ ବାସୁଦେବାୟ' ମନ୍ତ୍ରରେ ମଧ୍ୟ ଶକ୍ତିମାନଙ୍କ ସହ ପରାଶକ୍ତି ଓ ଅଷ୍ଟସଖୀଙ୍କ ଚିନ୍ତନ ରହିଛି ।

ଜଗନ୍ନାଥଙ୍କୁ ପୁରୁଷୋତ୍ତମ ରୂପରେ ପୂଜା କଲା ବେଳେ ଶ୍ରୀକୃଷ୍ଣଙ୍କୁ କାମଦେବ ରୂପରେ ଚିନ୍ତନ କରାଯାଇ ବିଷ୍ଣୁ ଓ କାମଦେବଙ୍କ ସମନ୍ୱୟ କରାଯାଏ ।

ଏଠି ବିଷ୍ଣୁ ଓ କାମଦେବଙ୍କ ମିଳିତ ଗାୟତ୍ରୀ । କୁହାଯାଏ, 'ତ୍ରୈଲୋକ୍ୟମୋହନାୟ ବିଦ୍ମହେ, ସ୍ମରାୟ ଧୀମହି ତନ୍ନୋ ବିଷ୍ଣୁଃ ପ୍ରଚୋଦୟାତ୍ ।

ଏଠି ବିଷ୍ଣୁ କାମଭାବରେ ମଧୁର ରସରେ ଲକ୍ଷ୍ମୀଙ୍କ ସହ ଆଲିଙ୍ଗିତ ବପୁରେ ବିଦ୍ୟମାନ ଓ ଏଭଳି ଉପାସନାରେ ସର୍ବଜନ ଆକର୍ଷଣ ଓ ସର୍ବସିଦ୍ଧି ଲାଭ ହୁଏ ବୋଲି ବୈଷ୍ଣବୀୟ ତନ୍ତ୍ରର ମତ । ଜଗନ୍ନାଥଙ୍କ ଦୈନିକ ପୂଜାରେ ଏହାର ଯଥେଷ୍ଟ ପ୍ରଭାବ ରହିଛି ।

**ଧ୍ୟାୟେତ୍ ବଲ୍ଲଭୟା ସାର୍ଦ୍ଧ ଜଗନ୍ନାଥଂ ଜଗନ୍ମୟମ୍ ।**

ପୁରୁଷୋତ୍ତମଙ୍କ ଧ୍ୟାନ ମୂର୍ତ୍ତି ହେଲା, **'ଦେବଂ ଶ୍ରୀ ପୁରୁଷୋତ୍ତମଂ କମଳୟା ସ୍ୱାଙ୍କସ୍ଥୟା ପଙ୍କଜମ୍'** । ପୁରୁଷୋତ୍ତମଙ୍କ କୋଳରେ କମଳା ରହିଛନ୍ତି ଓ ଦୁହେଁ ପରସ୍ପର ପ୍ରତି ପ୍ରୀତି ଦୃଷ୍ଟି ବିନିମୟ କରି ଗାଢ଼ ଆଲିଙ୍ଗନରତ ଅଛନ୍ତି । ଗୌତମୀୟ ତନ୍ତ୍ରରେ ଏହାର ସର୍ବଶେଷ ବର୍ଣ୍ଣନା ରହିଛି । ଜଗନ୍ନାଥ ତତ୍ତ୍ୱମୂଳକ ଇଂରାଜୀ ଗ୍ରନ୍ଥରେ ଶ୍ରୀ ଗୟାଚରଣ ତ୍ରିପାଠୀ ବହୁ ପଦ୍ଧତି ଓ ଶାସ୍ତ୍ରର ପ୍ରଶଂସନୀୟ ବିଶ୍ଳେଷଣ କରିଛନ୍ତି । ଦିନେ ବିରାଜମାନ ଥିବା ପୁରୁଷୋତ୍ତମଙ୍କ କ୍ରୋଡ଼ସ୍ଥିତ କମଳା ବିଗ୍ରହ, ପରେ ଦାରୁରେ କଳା ଓ ଧଳା ରଙ୍ଗର ବିଚିତ୍ର ସମନ୍ୱୟରେ ଅର୍ଦ୍ଧନାରୀଶ୍ୱର ରୂପେ ବିଜେ ହୋଇଛନ୍ତି ।

ଶୟନ ଦିଅଁ ଭାବେ ପ୍ରଭୁଙ୍କ ଶୟନ ବେଳେ ଲକ୍ଷ୍ମୀ ନାରାୟଣଙ୍କ ମିଳିତ ବିଗ୍ରହ ହିଁ ଦାର୍ଶନିକଙ୍କ ଚିନ୍ତନ ଓ ଶିଳ୍ପୀର ଚିତ୍ରଣରେ କଳାଧଳା ପୁରୁଷୋତ୍ତମ ଜଗନ୍ନାଥ ରୂପେ ବିଚିତ୍ର ଭାବେ ପ୍ରତିଭାତ ହେଉଛନ୍ତି । ପୁରୁଷୋତ୍ତମ ଚିନ୍ତନର ତାନ୍ତ୍ରିକ ଭିତ୍ତିରେ ରଞ୍ଜିତ ହୋଇଛନ୍ତି ରଙ୍ଗାଧର ।

ପୁରୁଷୋତ୍ତମ ବିଗ୍ରହର ଅନ୍ତରାଳରେ ଥିବା ପ୍ରକୃତି ପୁରୁଷର ଅବିଚ୍ଛେଦ୍ୟ ସମ୍ପର୍କ ଦେଖି ଆଜି ମନେ ହେଉଛି, ବୋଧହୁଏ ଏହି ତାତ୍ତ୍ୱିକ ଓ ତାନ୍ତ୍ରିକ ସୂଚନା ରହିଛି ଭଞ୍ଜଙ୍କ ରଚନାରେ । କବି କହିଲେ, **'ରସିକ ମଧ୍ୟେ ନିଶ୍ଚୟ ସାର ଜଗତ ପ୍ରଭୁ ରଥାଙ୍ଗଧର, କାମିନୀଟି ଏ କମଳାଙ୍କୁ କେବେ କରି ନ ପାରନ୍ତି କ୍ଷଣେ ଦୂର ।'**

**ଏନ୍-୧/୧୮୩**
**ନୂଆପଲ୍ଲୀ**
**ଭୁବନେଶ୍ୱର**